# Akashvani, Sambalpur

## SAMBALPURI NEWS BULLETIN

### 25 June 2025- 6.47- 6.52 am.

*********************************************

ସମ୍ବିଧାନ୍ ହତ୍ୟା ଦିବସ I&PR

ଦେଶେ ଜରୁରୀକାଳୀନ୍ ପରିସ୍ଥିତି ଲାଗୁ ହେବାର୍ ୫୦ ବଛର୍ ପୂର୍ତିକେ ଆଏଜ୍ ସମ୍ବିଧାନ୍ ହତ୍ୟା ଦିବସ୍ ଭାବେ ପାଳନ୍ କରାଯିବାର୍ ଲାଗି ସରକାର୍ଙ୍କର୍ ତର୍ଫୁ ନିଷ୍ପତି ନିଆଯାଇଛେ । ୧୯୭୫ ମସିହା ଜୁନ୍ ମାସର୍ ୨୫ ତାରିଖ୍ ଦିନ ଭାରତୀୟ ସମ୍ବିଧାନ୍କେ ଅମର୍ଯ୍ୟାଦା ପ୍ରଦର୍ଶନ୍ ପୂର୍ବକ ସେତେବେଲର୍ ସରକାର୍ ଦେଶେ ଜରୁରୀକାଳୀନ୍ ପରିସ୍ଥିତି ଲାଗୁ କରିଥିଲେ । ଇତାର୍ଲାଗି ସେତ୍କିବେଲ୍କେ ଲୋକ୍ମାନେ ବହୁତ୍ ଅସୁବିଧାର୍ ସାମ୍ନା କରିଥିଲେ । ଭାରତ୍ର ଗଣତାନ୍ତ୍ରିକ୍ ଇତିହାସ୍ର ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ସେହିଦିନ୍କେ ସୋର୍ ପକେଇକରି ଆଏଜ୍ ଦେଶର୍ ସବୁ ଜାଗା ନ ସମ୍ବିଧାନ୍ ହତ୍ୟା ଦିବସ୍ ପାଳନ୍ କରାଯିବା ।

ଇ ଅବ୍ସରେ ଭୁବନେଶ୍ୱର୍ ରେଲ୍ ଅଡ଼ିଟୋରିୟମ୍ ଠାନେ ଆଏଜ୍ ଉପର୍ବେଲା ଗୁଟେ କାର୍ଯ୍ୟକ୍ରମ୍ ହେବା । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

ରାଜ୍ୟପାଲ୍- ମୁଖ୍ୟମନ୍ତ୍ରୀ ସାକ୍ଷାତ୍କାର୍ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ତାଙ୍କର୍ ବାସଭବନ୍ ନ ଭେଟିକରି ରାଜ୍ୟ ସର୍କାର୍ଙ୍କର୍ ଗୁଟେ ବଛର୍ ସଫଲତା ଆଉ ଭିନ୍ ଭିନ୍ ବିକାଶ୍ମୂଲକ୍ କାର୍ଯ୍ୟକ୍ରମ୍ ବାବ୍ଦେ ଆଲୋଚନା କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟପାଲ୍ଙ୍କୁ ଓଡ଼ିଶା ଭିଜନ୍ -୨୦୩୬ ଆଉ ୨୦୪୭ ଦେବାର୍ ସହେତେ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ସର୍କାର୍ଙ୍କର୍ ରୋଡ୍ମେପ୍ ବାବ୍ଦେ ଜନେଇଥିଲେ ।

ମାଷ୍ଟର୍ ଟ୍ରେନର କର୍ମଶାଳା ଆର୍ଏନ୍ୟୁ/ ସମ୍ବଲପୁର

ସହରାଂଚଲ୍ମାନ୍କର୍ ସ୍ଥାୟୀ ଆଉ ସାମଗ୍ରିକ୍ ବିକାଶ୍ ଲାଗି କରାହେଇଥିବା ଭିନ୍ ଭିନ୍ ସର୍କାରୀ ଯୋଜ୍ନା ଆଉ ଅଭିଯାନ୍ ବାବ୍ଦେ ଜିଲ୍ଲାସ୍ତରୀୟ ମାଷ୍ଟର୍ ଟ୍ରେନର୍ ମାନ୍କୁ ଦିଗ୍ଦର୍ଶନ୍ ଦେବାର୍ ଲାଗି ଗୁଟେ କର୍ମଶାଳା ଗଲାକାଏଲ୍ ରାଜ୍ୟ ସହରାଂଚଲ୍ ଉନ୍ନୟନ୍ ସଂସ୍ଥା କନ୍ଫରେନ୍ସ ହଲ୍ ଠାନେ ହେଇଯାଇଛେ । କର୍ମଶାଳାକେ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀ ଉଦ୍ଘାଟନ୍ କରିଥିଲେ । ବିକଶିତ୍ ଓଡ଼ିଶା -୨୦୩୬ ଆଉ ବିକଶିତ୍

ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି କାର୍ଯ୍ୟକର୍ତା ଆଉ ପାଣ୍ଠିର୍ ଭୂମିକା ବାବ୍‌ଦେ ବିସ୍ତୃତ୍ ଆଲୋଚନା ହେଇଥିଲା । ଇ ଅବ୍‌ସରେ ଶ୍ରୀମତୀ ପାଢ଼ୀ ଜିଲ୍ଲାସ୍ତର୍ ନ ଯୋଜ୍‌ନାମାନ୍‌କର୍ ବାବ୍‌ଦେ ସଠିକ୍ ସୂଚ୍‌ନା ପହଁଚାବାର୍ ଲାଗି ମାଷ୍ଟର୍ ଟ୍ରେନର୍ ମାନ୍‌କୁ ପରାମର୍ଶ ଦେଇଥିଲେ ।

ଜଲ୍ ପରିଚାଳନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜଲ୍‌ସମ୍ପଦ୍‌ର ଠିକ୍ ବିନିଯୋଗ୍ ଆଉ ପରିଚାଳନା ଲାଗି ଡିଜିଟାଲ୍ ସ୍ମାର୍ଟ ପଦ୍ଧତିଥି ଜଲ୍ ପରିଚାଳନା କରାଯିବା । ଇଥିର୍‌ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଓଡ଼ିଶା ଜଲନୀତି -୨୦୨୫ ଲାଗୁ କରାଯିବା । ମନମୁଖୀ ଜଲ୍‌ଖର୍ଚ୍ଚା ଆଉ ତାର୍ ଅପବ୍ୟବହାର୍‌କେ ରୁକ୍‌ବାର୍ ଲାଗି ରାଜ୍ୟ ଜଲସେଚନ୍ ଆୟୋଗ୍ ଭିଲ୍ ଥାପ୍‌ନା କରାଯିବା । ଇଥିର୍‌ଲାଗି ବିକଶିତ୍ ଓଡ଼ିଶା ଗଠନ୍ ଲାଗି ତିଆର୍ ହେଇଥିବା ଭିଜନ୍ ଡକ୍ୟୁମେଂଟ୍‌ଥି ରାଜ୍ୟ ସର୍‌କାର୍ ପ୍ରସ୍ତାବ୍ ରଖିଛନ୍ ।

ଗବେଷଣା ବିଶ୍ୱବିଦ୍ୟାଲୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସ୍ନାତକ ପାଠ୍‌ପଢ଼ା ଉତ୍‌ରୁ ଯୁଆନ୍ ବର୍ଗଙ୍କୁ ନିଯୁକ୍ତି ସୁଯୋଗ୍ ଦେବାର୍ ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଇଛନ୍ । ସ୍ନାତକ ଉତ୍‌ରୁ

ଅତିକମ୍‌ଥି ୭୫ ପ୍ରତିଶତ୍ ପାସ୍ କରିଥିବା ଯୁଆନ୍ ପିଲାଟୁକେଲ୍‌ମାନେ ନିଯୁକ୍ତି ସୁଯୋଗ୍ ପାଇପାର୍‌ବେ । ଇଥିର୍‌ଲାଗି ଶିକ୍ଷ ସଂଯୁକ୍ତ ପାଠ୍ୟକ୍ରମ୍, ଦକ୍ଷତା ପ୍ରମାଣପତ୍ର ଆଉ ଆପ୍ରେଂଟିସ୍ ସିପ୍ ସକ୍ଷମ ଡିଗ୍ରୀ କାର୍ଯ୍ୟକ୍ରମ୍ କରାଯିବା । ଇତାର୍‌ସହେତେ ରାଜ୍ୟ ସର୍‌କାର୍ ଗବେଷଣାକେ ଜୋର୍ ଦେଇକରି ଫି’ ଜିଲ୍ଲା ନ ଗୁଟେ ଲେଖା ଶିକ୍ଷା ଆଉ ଗବେଷଣା ବିଶ୍ୱବିଦ୍ୟାଳୟ ଥାପ୍‌ନା କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୭ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ବୀର୍ ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତି      ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ନ ଷ୍ଟେଚ୍ୟୁ ଅଫ୍ ୟୁନିଟି ଢାଂଚାଥି ବୀର୍ ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତି ଥାପ୍ନା କର୍ବାର୍ ଲାଗି ପ୍ରାଥମିକ୍ ସ୍ତର୍ଥି ୪ ଟା ଜାଗା ଚିହ୍ନଟ୍ ହେଇଛେ । ମୂର୍ତିର୍ ଆକାର୍ ଆଉ ଉଚତା କେତେ ହେବା ଜାଗା ଚିହ୍ନଟ୍ ହେଲା ଉତ୍ରୁ ଥିର୍ କରାଯିବା । ସେନ୍ତା ସମ୍ବଲ୍ପୁର୍ ସହର୍କେ ଗୁଟେ ପର୍ଯ୍ୟଟନ୍ ସ୍ଥଳୀ କର୍ବାର୍ ସହେତେ ଜିଲ୍ଲା ନ ଥିବା ଅଲ୍ଗା ପର୍ଯ୍ୟଟନ୍ ସ୍ଥଳୀ ଆଉ ପୀଠମାନ୍କର୍ ବିକାଶ୍ ଲାଗି ମାଷ୍ଟର୍ ପ୍ଲାନ୍ ତିଆରି ଚାଲିଛେ ବଲି ଜିଲ୍ଲା ପର୍ଯ୍ୟଟନ୍ ବିଭାଗ୍ ଅଧିକାରୀ ସୂଚ୍ନା ଦେଇଛନ୍ ।

ସମୀକ୍ଷା ବୈଠକ୍      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ ସଦ୍ଭାବନା ଗୃହ ଠାନେ ବିଧାନ୍ସଭା ଗୃହ କମିଟିର୍ ସଦସ୍ୟମାନେ ଗୁଟେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ଥି ଭାଗ୍ ନେଇଛନ୍ । ବୈଠକ୍ଥି ବିଧାୟକ୍ ଲକ୍ଷ୍ମଣ ବାଗ୍, ଅରବିନ୍ଦ ମହାପାତ୍ର, ଦୁର୍ଗାଚରଣ୍ ତନ୍ତୀ ଆଉ ନରସିଂହ ମାଡ଼କାମୀ ପ୍ରମୁଖ ଯୋଗ୍ ଦେଇଥିଲେ ।

ଜାତୀୟ ଜୁନିଅର୍ ଫେଡ଼େରେସନ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍  ଏକ୍ସ

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍ ଠାନେ ଚାଲିଥିବା ୨୩ ନମ୍ବର୍ ଜାତୀୟ ଜୁନିଅର୍ ଫେଡ଼େରେସନ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍-୨୦୨୫ ର ସଟ୍‌ପୁଟ୍ ପ୍ରତିଯୋଗିତାଥି ଓଡ଼ିଶାର୍ ଓମ୍‌କାର୍ ପ୍ରସାଦ୍ ନନ୍ଦ ରୌପ୍ୟ ପଦକ୍ ଆର୍ ହେମର୍ ଥ୍ରୋ ପ୍ରତିଯୋଗିତାଥି ଓଡ଼ିଶାର୍ ଅଙ୍କିତା ମହାପାତ୍ର କାଂସ୍ୟପଦକ୍ ଜିତିଛନ୍ । ଖେଲାଲୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଗାଙ୍ଗେୟ ପଶ୍ଚିମବଙ୍ଗ ଆର୍ ତାର୍ ଆଖର୍ ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍‌ଥି ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ଲାଗି ରହେବା । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, ଅନୁଗୁଲ୍ ସହେତେ ରାଜ୍ୟର୍ ୧୨ ଟା ଜିଲ୍ଲାକେ ଜବର୍ ବର୍ଷା ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।